# ଓଡିଶା ସରକାର

## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ

*****

ଚିଠି ସଂଖ୍ୟା: STSCD-TPR-COMMT-0036-2025/୧୩୪୪/ SSD, ଭୁବନେଶ୍ୱର ତାରିଖ. ୧୪ / ୦୧ /୨୦୨୬

ପ୍ରେରକ,

ବି. ପରମେଶ୍ୱରନ୍, ଭା.ପ୍ର.ସେ.
କମିଶନର-ତଥା- ଶାସନ ସଚିବ

ପ୍ରାପ୍ତେଷୁ,

ଜନଜାତି ପରାମର୍ଶ ପରିଷଦ(TAC)ର ସମସ୍ତ ସଦସ୍ୟା /ସଦସ୍ୟଗଣ
(ସଂଲଗ୍ନ ତାଲିକା ଅନୁଯାୟୀ )

**ବିଷୟ:- ତା ୨୩.୧୨.୨୦୨୫ରିଖ ରେ ଅନୁଷ୍ଠିତ ଜନଜାତି ପରାମର୍ଶ ପରିଷଦ(TAC) ବୈଠକର କାର୍ଯ୍ୟବୃତ୍ତାନ୍ତ ।**

ମହାଶୟା /ମହାଶୟ ,

ଉପରୋକ୍ତ ବିଷୟରେ ଉଲ୍ଲେଖ ସହ ମୁଁ ଲୋକସେବା ଭବନସ୍ଥ ମୁଖ୍ୟମନ୍ତ୍ରୀଙ୍କ ସମ୍ମେଳନ କକ୍ଷରେ ତା ୨୩ .୧୨.୨୦୨୫ ରିଖ ଅପରାହ୍ନ ୪.୦୦ ଘଟିକାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଜାତି ପରାମର୍ଶଦାତା ପରିଷଦ(TAC) ବୈଠକର କାର୍ଯ୍ୟବୃତ୍ତାନ୍ତର ଏକ ପ୍ରତିଲିପି ସଦୟ ଅବଗତି ନିମନ୍ତେ ଏହାସହ ସଂଲଗ୍ନ କରୁଛି ।

ଆପଣଙ୍କ ବିଶ୍ୱସ୍ତ,

15/1/26

କମିଶନର-ତଥା- ଶାସନ ସଚିବ

**ଜ୍ଞାପକ ସଂଖ୍ୟା ୧୩୪୬ /SSD, ଭୁବନେଶ୍ୱର ତାରିଖ. ୧୪ / ୦୧ /୨୦୨୬**

ତା ୨୩.୧୨.୨୦୨୫ ରିଖ ରେ ଅନୁଷ୍ଠିତ ଜନଜାତି ପରାମର୍ଶଦାତା ପରିଷଦ(TAC) ବୈଠକର କାର୍ଯ୍ୟବୃତ୍ତାନ୍ତର ଏକ ନକଲ ସହିତ ଏହାର ଏକ ନକଲ ମାନ୍ୟବର ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ /ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ/ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ/ ମୁଖ୍ୟ ଶାସନ ସଚିବଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ / ଉନ୍ନୟନ କମିଶନର-ତଥା- ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ/ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ / ସମସ୍ତ ପ୍ରମୁଖ ଶାସନ ସଚିବ/ସମସ୍ତ କମିଶନର-ତଥା- ଶାସନ ସଚିବ/ ଆରକ୍ଷୀ ମହାନିର୍ଦ୍ଦେଶକ ଙ୍କୁ ସମ୍ପୃକ୍ତ ମାନ୍ୟଗଣ୍ୟ ବ୍ୟକ୍ତି/ଅଧିକାରୀ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

15/1/2026

ଅତିରିକ୍ତ ଶାସନ ସଚିବ

PTO

50

**ଜ୍ଞାପକ ସଂଖ୍ୟା ୧୩୪୭ /SSD, ଭୁବନେଶ୍ୱର ତାରିଖ. ୧୫ / ୦୧/୨୦୨୬**

ତା ୨୩.୧୨.୨୦୨୫ ରିଖ ରେ ଅନୁଷ୍ଠିତ ଜନଜାତି ପରାମର୍ଶଦାତା ପରିଷଦ(TAC) ବୈଠକର କାର୍ଯ୍ୟବୃତ୍ତାନ୍ତର ଏକ ନକଲ ସହିତ ଏହାର ଏକ ନକଲ ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି) / ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି କଲ୍ୟାଣ)/ ନିର୍ଦ୍ଦେଶିକା (ଅନ୍ୟାନ୍ୟ ପଛୁଆ ବର୍ଗ)/ ନିର୍ଦ୍ଦେଶକ, SCSTRTI/PD, OPELIP/ସଦସ୍ୟ ସଚିବ,ATLC / MD, TDCCOL/M.D.,OSFDC/ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ ର ସମସ୍ତ ବିଭାଗ ଅଧିକାରୀ ମନଙ୍କୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

15/1/2026

ଅତିରିକ୍ତ ଶାସନ ସଚିବ

**ଜ୍ଞାପକ ସଂଖ୍ୟା ୧୩୪୮ /SSD, ଭୁବନେଶ୍ୱର ତାରିଖ. ୧୫ / ୦୧ /୨୦୨୬**

ତା ୨୩.୧୨.୨୦୨୫ ରିଖ ରେ ଅନୁଷ୍ଠିତ ଜନଜାତି ପରାମର୍ଶଦାତା ପରିଷଦ(TAC) ବୈଠକର କାର୍ଯ୍ୟବୃତ୍ତାନ୍ତର ଏକ ନକଲ ସହିତ ଏହାର ଏକ ନକଲ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ ର ପରିସଂଖ୍ୟାନ ପ୍ରକୋଷ୍ଠ ର ସ୍ୱତନ୍ତ୍ର ଅଧିକାରୀ ଶ୍ରୀ ସୁଜିତ ମୁଖାର୍ଜୀଙ୍କୁ ଏହି ବିଭାଗର ୱେବସାଇଟରେ ଜନଜାତି ପରାମର୍ଶଦାତା ପରିଷଦର ବୈଠକର କାର୍ଯ୍ୟବୃତ୍ତାନ୍ତ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରେରଣ କରାଗଲା।

15/1/2026

ଅତିରିକ୍ତ ଶାସନ ସଚିବ

20

## ୨୩.୧୨.୨୦୨୫ ତାରିଖରେ ଅନୁଷ୍ଠିତ ଜନଜାତି ପରାମର୍ଶ ପରିଷଦ (TAC) ବୈଠକର କାର୍ଯ୍ୟବୃତ୍ତାନ୍ତ

୨୩ ଡିସେମ୍ବର ୨୦୨୫ ତାରିଖରେ ମାନ୍ୟବର ଓଡ଼ିଶା ମୁଖ୍ୟମନ୍ତ୍ରୀ ତଥା ଜନଜାତି ପରାମର୍ଶ ପରିଷଦ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ସମ୍ମେଳନ କକ୍ଷରେ ଜନଜାତି ପରାମର୍ଶ ପରିଷଦ (TAC) ର ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଉପସ୍ଥିତ ସଦସ୍ୟମାନେ ଓ ଅଧିକାରୀମାନଙ୍କ ତାଲିକା **ପରିଶିଷ୍ଟ-୧** ରେ ସଂଲଗ୍ନ କରାଯାଇଛି ।

ପ୍ରାରମ୍ଭରେ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ଟିଏସି ଅଧ୍ୟକ୍ଷ ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ଓ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇ ଜନଜାତି ପରାମର୍ଶ ପରିଷଦର ସାମ୍ବିଧାନିକ ଭୂମିକା, ଦାୟିତ୍ୱ ଓ ଜନଜାତି ଅଧିକାର ସୁରକ୍ଷା ଓ କଲ୍ୟାଣରେ ଏହାର ଗୁରୁତ୍ୱ ବିଷୟରେ ମତାମତ ରଖିଥିଲେ । ସେ ପିଏମ-ଜନମନ, ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ (DA-JGUA), ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଭଳି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକର ଉଲ୍ଲେଖ କରି ଜନଜାତି ସମୁଦାୟଙ୍କ ସମଗ୍ର ବିକାଶ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ଥିଲେ । ସେ ଉଲ୍ଲେଖ କରିଥିଲେ ଯେ ଜନଜାତି ସମୁଦାୟମାନେ କେବଳ କଲ୍ୟାଣ ଯୋଜନାର ଲାଭାର୍ଥୀ ନୁହେଁ, ବରଂ ରାଜ୍ୟର ବିକାଶ ଯାତ୍ରାର ସହଭାଗୀ।

ଜୀବିକା ସୁରକ୍ଷା, ଆର୍ଥିକ ସଶକ୍ତିକରଣ ଏବଂ ଜନଜାତୀୟ ସାଂସ୍କୃତିକ ଓ ଧାର୍ମିକ ଐତିହ୍ୟର ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇ, ମାନ୍ୟବର ମୁଖ୍ୟମନ୍ତ୍ରୀ ସମାବେଶୀ ବିକାଶ ପାଇଁ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତା ସୂଚାଇ ଥିଲେ, ଯାହା ମାଧ୍ୟମରେ ଜନଜାତି ସମୁଦାୟମାନେ ରାଜ୍ୟର ବିକାଶ ପ୍ରକ୍ରିୟାର ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହୋଇପାରିବେ । ସେ 'ବିକଶିତ ଭାରତ @ ୨୦୪୭' ର ଦୃଷ୍ଟିକୋଣ ଓ 'ଭିଜନ୍ ଡକ୍ୟୁମେଣ୍ଟ @ ୨୦୩୬' ର ଉଲ୍ଲେଖ କରି ଓଡ଼ିଶାକୁ "ସମୃଦ୍ଧ ଓଡ଼ିଶା" ରୂପେ ପରିଣତ କରିବାର ଲକ୍ଷ୍ୟ ବ୍ୟକ୍ତ କରିଥିଲେ ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଆଦିବାସୀମାନଙ୍କ ପାରମ୍ପାରିକ ପବିତ୍ର ପୂଜାସ୍ଥଳୀଗୁଡ଼ିକର ବିକାଶ, ସୁରକ୍ଷା ଓ ସଂରକ୍ଷଣ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବା ପ୍ରସ୍ତାବ ରଖି ଏହା ପାଇଁ ଏକ ଦୀର୍ଘସ୍ଥାୟୀ କାର୍ଯପନ୍ଥା ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ବିସ୍ତୃତ ଅଧ୍ୟୟନ ଓ ଆଲୋଚନାର ପରାମର୍ଶ ଦେଇଥିଲେ ।

ଏହାପରେ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରାଯାଇ ନିମ୍ନଲିଖିତ ନିଷ୍ପତ୍ତି ଗ୍ରହଣ କରାଗଲା :

<u>କାର୍ଯ୍ୟସୂଚୀ ସଂଖ୍ୟା – ୧</u>

**୩୧.୧୨.୨୦୨୪ ତାରିଖର ଜନଜାତି ପରାମର୍ଶ ପରିଷଦ ବୈଠକର କାର୍ଯ୍ୟବୃତ୍ତାନ୍ତର ଦୃଢ଼ୀକରଣ**

୩୧.୧୨.୨୦୨୪ ତାରିଖରେ ଅନୁଷ୍ଠିତ ଟିଏସି ବୈଠକର କାର୍ଯ୍ୟବୃତ୍ତାନ୍ତ ପରିଷଦ ସମ୍ମୁଖରେ ଉପସ୍ଥାପିତ କରାଯାଇ ଅନୁମୋଦିତ କରାଗଲା ।

<u>କାର୍ଯ୍ୟସୂଚୀ ସଂଖ୍ୟା–୨</u>

**୩୧.୧୨.୨୦୨୪ ତାରିଖର ଟିଏସି ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିଗୁଡ଼ିକର କାର୍ଯ୍ୟକାରିତା**

ଗତ ଟିଏସି ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ (ATR) ପରିଷଦ ସମ୍ମୁଖରେ ଉପସ୍ଥାପିତ ହୋଇଥିଲା । ବିସ୍ତୃତ ଆଲୋଚନା ପରେ ନିମ୍ନଲିଖିତ ଟିପ୍ପଣୀ ସହ ATR ଅନୁମୋଦନ କରାଗଲା :

i. ଓଡ଼ିଶାର ହୋ, କୋହ୍ଲ, ମୁଣ୍ଡା ଜନଜାତି ସମୁଦାୟମାନଙ୍କ ମଧ୍ୟରେ “ହୋ” ଭାଷାର ବ୍ୟବହାର ସମ୍ପର୍କରେ ଏସସିଏସଟିଆରଟିଆଇ(SCSTRTI) ବିସ୍ତୃତ ଅଧ୍ୟୟନ କରିବ । ପରବର୍ତ୍ତୀ TAC ବୈଠକରେ ଆଲୋଚନା ଏବଂ ସୁପାରିଶ ପାଇଁ ଅଧ୍ୟୟନ ରିପୋର୍ଟକୁ TAC ସବ-କମିଟି ସମ୍ମୁଖରେ ରଖାଯିବ ।

ii. ଶିକ୍ଷା, ଉଦ୍ୟୋଗ, ଜୀବିକା ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଆବଶ୍ୟକତା ପାଇଁ ଜନଜାତି ଲୋକଙ୍କ ପାଇଁ ସଂସ୍ଥାଗତ ଋଣ ପାଇବାକୁ ସହଜ କରିବା ପାଇଁ ଉପଯୁକ୍ତ ରୂପରେଖ ଅନୁସନ୍ଧାନ କରିବାର ଆବଶ୍ୟକତା ଏବଂ ସ୍ଥାୟୀ, ସମାବେଶୀ ଫଳାଫଳ ସୁନିଶ୍ଚିତ କରିବା ପାଇଁ ସରକାର ଏବଂ ଜନଜାତି ସଂଗଠନ ମଧ୍ୟରେ ବ୍ୟାପକ ସହମତି ଉପରେ ଗୁରୁତ୍ୱାରୋପ କରିଥିଲା।

iii. ସମ୍ପୃକ୍ତ ବିଭାଗମାନଙ୍କୁ ଜନଜାତିଙ୍କ ନିମନ୍ତେ ସଂରକ୍ଷିତ ବକାୟା ପଦବୀଗୁଡ଼ିକ ପୂରଣ ପାଇଁ ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଗଲା ।

iv. ଆଶ୍ରମ ବିଦ୍ୟାଳୟଗୁଡ଼ିକୁ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉନ୍ନତିକରଣ ପର୍ଯ୍ୟାୟକ୍ରମେ ଓ ସୁସଂଗଠିତ ଭାବେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହ ସମନ୍ୱୟରେ କରାଯିବ ।

v. ଓଡ଼ିଶାର ଜନଜାତି ତାଲିକାରେ ସମ୍ମିଳନ ସମ୍ବନ୍ଧୀୟ ଦାବିମାନଙ୍କ ମଧ୍ୟରୁ, ପୂର୍ବରୁ ତାଲିକାରେ ସମ୍ମିଳିତ ହୋଇଥିବା ମାମଲାଗୁଡ଼ିକୁ ବାତିଲ କରିବାକୁ ପରିଷଦ ସମ୍ମତି ପ୍ରଦାନ କଲା ।

ଏହା ସହ ଏସସିଏସଟିଆରଟିଆଇକୁ(SCSTRTI) ଅପେକ୍ଷାରତ ପ୍ରସ୍ତାବଗୁଡ଼ିକ ଉପରେ ପର୍ଯ୍ୟାୟକ୍ରମେ ସମଗ୍ର ଅଧ୍ୟୟନ କରି ଯୋଗ୍ୟ ସମୁଦାୟମାନଙ୍କୁ ଏସଟି ତାଲିକାରେ ସମ୍ମେଳନ ସୁବିଧା ପାଇଁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦିଆଗଲା ।

କାର୍ଯ୍ୟସୂଚୀ ସଂଖ୍ୟା –୩

**ଅନୁସୂଚିତ କ୍ଷେତ୍ର (Scheduled Areas) ପ୍ରଶାସନ ସମ୍ବନ୍ଧୀୟ ବାର୍ଷିକ ରିପୋର୍ଟ ଅନୁମୋଦନ**

ରାଜ୍ୟର ଅନୁସୂଚିତ କ୍ଷେତ୍ରଗୁଡ଼ିକର ପ୍ରଶାସନ ସମ୍ବନ୍ଧୀୟ ୨୦୧୮–୧୯, ୨୦୧୯–୨୦, ୨୦୨୦–୨୧, ୨୦୨୧–୨୨, ୨୦୨୨–୨୩ ଏବଂ ୨୦୨୩–୨୪ ଆର୍ଥିକ ବର୍ଷର ବାର୍ଷିକ ରିପୋର୍ଟ ଗୁଡ଼ିକ ପରିଷଦ ସମ୍ମୁଖରେ ଉପସ୍ଥାପିତ ହୋଇ ଅନୁମୋଦିତ କରାଗଲା ।

ଏହାସହ ୨୦୨୪–୨୫ ଓ ୨୦୨୫–୨୬ ଆର୍ଥିକ ବର୍ଷର ବାର୍ଷିକ ରିପୋର୍ଟ ତ୍ୱରିତ ଭାବେ ପ୍ରସ୍ତୁତ କରି ଦାଖଲ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଗଲା ।

କାର୍ଯ୍ୟସୂଚୀ ସଂଖ୍ୟା –୪

**ରାଜ୍ୟ ଭିତ୍ତିକ PESA ନିୟମାବଳୀ**

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଦ୍ୱାରା ପ୍ରସ୍ତୁତ ଖସଡ଼ା ଓଡ଼ିଶା ପେସା ନିୟମାବଳୀ ଉପରେ ପରିଷଦ ଅବଲୋକନ କରିଥିଲା ଯେ, ଏହା ପାଇଁ ଅଧିକ ଆଲୋଚନା ଓ ବ୍ୟାପକ ପରାମର୍ଶ ଆବଶ୍ୟକ।

ଏହି ପରିପ୍ରେକ୍ଷୀରେ, ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଅନ୍ତଃବିଭାଗୀୟ ସମିତି ଗଠନ କରିବାକୁ ନିଷ୍ପତ୍ତି ନିଆଗଲା । ଏହି ସମିତିର ସଦସ୍ୟ ଭାବେ ଗୃହ, ରାଜସ୍ୱ, ଶିଳ୍ପ, ଇସ୍ପାତ ଓ ଖଣି, ଜଙ୍ଗଲ ଓ ପରିବେଶ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ ଏବଂ ଅବକାରୀ ବିଭାଗର ଶାସନ ସଚିବମାନେ ଉପସ୍ଥିତ ରହିବେ ।

ସମିତିକୁ ପେସା ଆଇନ ଅନୁସାରେ ଓଡ଼ିଶା ଭିତ୍ତିକ ପେସା ନିୟମାବଳୀ ବ୍ୟବସ୍ଥାଗୁଡ଼ିକ ପରୀକ୍ଷା କରି ଅନ୍ତିମ ରୂପ ଦେବା ଏବଂ ପରବର୍ତ୍ତୀ TAC ବୈଠକରେ ପରିଷଦ ସମ୍ମୁଖରେ ସୁପାରିଶ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଗଲା।

କାର୍ଯ୍ୟସୂଚୀ ସଂଖ୍ୟା–୫

**ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷାରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ସମ୍ବନ୍ଧୀୟ ବ୍ୟତିକ୍ରମର ଦୂରୀକରଣ**

ମେଡିକାଲ, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ଉଚ୍ଚ/ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଥିବା ସଂରକ୍ଷଣ ସମ୍ବନ୍ଧୀୟ ବର୍ତ୍ତମାନର ବ୍ୟତିକ୍ରମଗୁଡ଼ିକୁ ୨୦୨୬-୨୭ ଶିକ୍ଷାବର୍ଷ ପୂର୍ବରୁ ସମ୍ପୃକ୍ତ ବିଭାଗମାନଙ୍କ ଦ୍ୱାରା ଆଇନଗତ ଉପାୟରେ ସମାଧାନ କରାଯିବାକୁ ପରିଷଦ ନିଷ୍ପତ୍ତି ନେଲା।

**କାର୍ଯ୍ୟସୂଚୀ ସଂଖ୍ୟା-୬**

**ମାନ୍ୟବର ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ପ୍ରସ୍ତାବଗୁଡ଼ିକ**

ପେସା ନିୟମାବଳୀର ଶୀଘ୍ର କାର୍ଯ୍ୟାନୁଷ୍ଠାନ ସହିତ ନିମ୍ନଲିଖିତ ପ୍ରସ୍ତାବଗୁଡ଼ିକ ମାନ୍ୟବର ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ହୋଇଥିଲା:

i. ଓଡ଼ିଶାର ଅନୁସୂଚିତ ଜନଜାତି ତାଲିକାରେ ଅଲଗା ଭାବେ ଉଲ୍ଲେଖ ଥିଲେ ମଧ୍ୟ ବିରହୋର, ମାଙ୍କିଡି ଏବଂ ମାଙ୍କିଡିଆ ଗୋଟିଏ ଆଦିବାସୀ ସମୁଦାୟର ଭିନ୍ନ ନାମକରଣ କି ନୁହେଁ, ତାହାର ପରୀକ୍ଷା ଏବଂ ସାମାଜିକ ଓ ସାମ୍ବିଧାନିକ ସ୍ଥିତିର ମୂଲ୍ୟାଙ୍କନ;

ii. ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ ବିଭାଗକୁ ଦାଖଲ ହୋଇଥିବା ଟାସ୍କ ଫୋର୍ସ ରିପୋର୍ଟ-୨୦୧୪ ର ପ୍ରସ୍ତାବନା, ଯେଉଁଥିରେ "ପାହାଡ଼ିଆ" ସମୁଦାୟକୁ ଗଣ୍ଡ (ଅନୁସୂଚିତ ଜନଜାତି) ସହ କ୍ରମିକ ସଂଖ୍ୟା ୨୨ ରେ ଓଡ଼ିଶାର ଅନୁସୂଚିତ ଜନଜାତି ତାଲିକାରେ ସମ୍ମିଳନ କରିବା ସମ୍ପର୍କିତ ସୁପାରିଶର ବିଚାର;

iii. ଗତ ତିନୋଟି ଜନଗଣନାରେ ରିପୋର୍ଟ ହୋଇଥିବା ଚେଞ୍ଚୁ, ବୈଗା, ଘରା ଓ କୋରୁଆ — ଏହି ଚାରୋଟି ଅନୁସୂଚିତ ଜନଜାତି ସମୁଦାୟର ଜନସଂଖ୍ୟା ଲଗାତାର ହ୍ରାସର କାରଣ ଜାଣିବା ପାଇଁ ସାମାଜିକ ସର୍ବେକ୍ଷଣ;

iv. ଓଡ଼ିଶାରେ ଅନୁସୂଚିତ ଜନଜାତି ଭାବେ ସ୍ୱୀକୃତ ଥିବା କିନ୍ତୁ ପଡ଼ୋଶୀ ରାଜ୍ୟ ଯଥା ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ ଭାବେ ଚିହ୍ନଟ ହୋଇଥିବା ସମୁଦାୟମାନଙ୍କ ଆଧାରରେ ଓଡ଼ିଶାରେ ନୂତନ ପିଭିଟିଜି (PVTG) ଚିହ୍ନଟ ପାଇଁ ପଦକ୍ଷେପ ଗ୍ରହଣ ;

v. ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (EMRS) ଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ପାଇଁ କଳା, ବିଜ୍ଞାନ ଓ ବାଣିଜ୍ୟ — ତିନୋଟି ବିଭାଗରେ ଶିକ୍ଷାଗତ ବିକଳ୍ପ ସୃଷ୍ଟି କରିବା।

ନିଷ୍ପତ୍ତି:

କ୍ରମିକ ସଂଖ୍ୟା (i) ରୁ (iv) ପର୍ଯ୍ୟନ୍ତ ପ୍ରସ୍ତାବ ସମ୍ପର୍କରେ ଏସସିଏସଟିଆରଟିଆଇ(SCSTRTI)କୁ ବିସ୍ତୃତ ଅଧ୍ୟୟନ କରି ନିର୍ଦ୍ଦିଷ୍ଟ ପ୍ରସ୍ତାବ ପ୍ରସ୍ତୁତ କରି ପରବର୍ତ୍ତୀ ଆଲୋଚନା ପାଇଁ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନିଆଗଲା।

କ୍ରମିକ ସଂଖ୍ୟା (v) ସମ୍ପର୍କରେ ଶ୍ରେଣୀ XI ଓ XII ରେ ବିଜ୍ଞାନ ସହ କଳା ଓ ବାଣିଜ୍ୟ ବିଭାଗ ଖୋଲିବାକୁ ପରିଷଦ ଅନୁମୋଦନ କଲା ଏବଂ ଏହାର କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକ ଢାଞ୍ଚା ଓ ଶିକ୍ଷକ ବୃଦ୍ଧି ପାଇଁ ଭାରତ ସରକାର ସହ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଗଲା।

କାର୍ଯ୍ୟସୂଚୀ ସଂଖ୍ୟା–୭

**ଅନ୍ୟାନ୍ୟ ବିଭାଗମାନଙ୍କ ଠାରୁ ପ୍ରାପ୍ତ ପ୍ରସ୍ତାବ**

(କ) ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରସ୍ତାବ — ରେକର୍ଡ ଅଫ୍ ରାଇଟ୍ସ (RoR) ଓ ରାଷ୍ଟ୍ରପତି ତାଲିକାରେ ଜନଜାତି ନାମର ଧ୍ୱନିଗତ ଭିନ୍ନତା(Phonetic variation) ଦୂର କରିବା ପାଇଁ ଅନୁସୂଚିତ ଜନଜାତି ତାଲିକାକୁ ଓଡ଼ିଆ ଓ ଇଂରାଜୀ ଉଭୟ ଭାଷାରେ ପ୍ରସ୍ତୁତ କରିବା ଉପରେ ଆଲୋଚନା କରାଗଲା।

ଜନଗଣନା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଦ୍ୱାରା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତାଲିକାର ଓଡ଼ିଆ ଅନୁବାଦ ନିଶ୍ଚିତ କରିବା ପାଇଁ ଅନୁରୋଧ ଆସିଥିବାରୁ, ଏସସି ଏବଂ ଏସଟି ଉନ୍ନୟନ ବିଭାଗର ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ସମିତି ଗଠନ କରିବାକୁ ପରିଷଦରେ ନିଷ୍ପତ୍ତି ନିଆଗଲା। ଏହି ସମିତିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଆଇନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରତିନିଧିମାନେ ସଦସ୍ୟ ଭାବେ ରହି ଏହାକୁ ଚୂଡାନ୍ତ ରୂପ ଦେବାକୁ ନିଷ୍ପତ୍ତି ନିଆଗଲା।

(ଖ) ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରସ୍ତାବ — ଜଳବାୟୁ ସହନଶୀଳ କୃଷି, ଆଗ୍ରୋ ଫରେଷ୍ଟ୍ରି ପଦ୍ଧତି ଏବଂ ଜନଜାତି ହୋମ୍‌ଷ୍ଟେ ଆଧାରିତ ପର୍ଯ୍ୟଟନ ମାଧ୍ୟମରେ ଚିରନ୍ତନ ଜୀବିକା ପ୍ରଚାର — ଉପରେ ଆଲୋଚନା କରାଗଲା ।

ପରିଷଦ ଜନଜାତି କ୍ଷେତ୍ରଗୁଡ଼ିକରେ ଇକୋ ଟୁରିଜିମ୍ କାର୍ଯ୍ୟକଳାପ ତ୍ୱରାନ୍ୱିତ କରିବା ଏବଂ ସ୍ଥାନୀୟ ଅର୍ଥନୀତି ସୁଦୃଢ଼ କରିବା ପାଇଁ ଜନଜାତି ହୋମ୍‌ଷ୍ଟେଗୁଡ଼ିକୁ ପ୍ରୋତ୍ସାହନ ଦେବାକୁ ନିଷ୍ପତ୍ତି ନିଆଗଲା ।

ବୈଠକ ଶେଷରେ ଅଧ୍ୟକ୍ଷ ,TAC ସଦସ୍ୟଗଣଏବଂ ସମସ୍ତ ଉପସ୍ଥିତ ଅଧିକାରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଗଲା।

ଏହା ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ଜନଜାତି ପରାମର୍ଶ ପରିଷଦ ଅଧ୍ୟକ୍ଷଙ୍କ ଦ୍ୱାରା ଅନୁମୋଦିତ ହୋଇଅଛି।

୨|୧|୨୬

କମିଶନର ତଥା ଶାସନ ସଚିବ

ପରିଶିଷ୍ଟ -୧

ଲୋକସେବା ଭବନର ମୁଖ୍ୟମନ୍ତ୍ରୀ ସମ୍ମିଳନୀ କକ୍ଷରେ ତା.୨୩.୧୨.୨୦୨୫ରିଖରେ ଅନୁଷ୍ଠିତ ଜନଜାତି ପରାମର୍ଶଦାତା ପରିଷଦ (TAC ) ବୈଠକରେ ଉପସ୍ଥିତ ଥିବା ସଦସ୍ୟା /ସଦସ୍ଯ ଏବଂ ଅଧିକାରୀମାନଙ୍କ ତାଲିକା

| କ୍ର . ସଂ. | ନାମ | ପଦବୀ |
|---|---|---|
| 1 | ଶ୍ରୀ ମୋହନ ଚରଣ ମାଝୀ | ମାନ୍ୟବର ମୁଖ୍ଯମନ୍ତ୍ରୀ ଓ ଜନଜାତି ପରାମର୍ଶଦାତା ପରିଷଦ (TAC ) ର ଅଧକ୍ଷ |
| 2 | ଶ୍ରୀ ନିତ୍ୟାନନ୍ଦ ଗଣ୍ଡ | ମାନ୍ୟବର ମନ୍ତ୍ରୀ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ , ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ଓ ଜନଜାତି ପରାମର୍ଶଦାତା ପରିଷଦ (TAC ) ର ଉପାଧକ୍ଷ |
| 3 | ଶ୍ରୀ ଅନନ୍ତ ନାୟକ | ମାନ୍ୟବର ସାଂସଦ, କେନ୍ଦୁଝର |
| 4 | ଶ୍ରୀ ବଳଭଦ୍ର ମାଝୀ | ମାନ୍ୟବର ସାଂସଦ, ନବରଙ୍ଗପୁର |
| 5 | ଶ୍ରୀ ଅଖିଳ ଚନ୍ଦ୍ର ନାଏକ | ମାନ୍ୟବର ବିଧାୟକ ପାଟଣା , କେନ୍ଦୁଝର |
| 6 | ଶ୍ରୀ ଭାଦବ ହାଁସଦାଃ | ମାନ୍ୟବର ବିଧାୟକ, ସାରସକଣା , ମୟୂରଭଞ୍ଜ |
| 7 | ଶ୍ରୀ ପଦ୍ମ ଚରଣ ହାଇବୁରୁ | ମାନ୍ୟବର ବିଧାୟକ, କରଞ୍ଜିଆ, ମୟୂରଭଞ୍ଜ |
| 8 | ଶ୍ରୀ ଯୋଗେଶ କୁମାର ସିଂହ | ମାନ୍ୟବର ବିଧାୟକ, ସୁନ୍ଦରଗଡ |
| 9 | ଶ୍ରୀ ଚକ୍ରମଣି କହଁର | ମାନ୍ୟବର ବିଧାୟକ, ବାଲିଗୁଡା , କନ୍ଧମାଳ |
| 10 | ଶ୍ରୀ ଜଲେନ ନାଏକ | ମାନ୍ୟବର ବିଧାୟକ, ରାଇରଙ୍ଗପୁର, ମୟୂରଭଞ୍ଜ |
| 11 | କୁମାରୀ ସଞ୍ଜଲି ମୁର୍ମୁ | ମାନ୍ୟବର ବିଧାୟିକା, ବାଙ୍ଗିରିପୋଷି,ମୟୂରଭଞ୍ଜ |
| 12 | ଶ୍ରୀ ନୀଳମାଧବ ହିକକା | ମାନ୍ୟବର ବିଧାୟକ, ବିଷମ କଟକ , ରାୟଗଡା |
| 13 | ଶ୍ରୀ ରୁପୁ ଭତ୍ରା | ମାନ୍ୟବର ବିଧାୟକ, କୋଟପାଡ଼ , କୋରାପୁଟ |

| | | |
|---|---|---|
| 14 | ଶ୍ରୀ ଗୌରି ଶଙ୍କର ମାଝୀ | ମାନ୍ୟବର ବିଧାୟକ, ନବରଙ୍ଗପୁର |
| 15 | ଶ୍ରୀମତୀ କୁସୁମ ଟେଟେ, ପୂର୍ବତନ ବିଧାୟିକା | ମାନ୍ୟବର ସଦସ୍ୟା |
| 16 | ଶ୍ରୀ ମନୋଜ ଆହୁଜା , ଭା. ପ୍ର.ସେ. | ମୁଖ୍ୟ ଶାସନ ସଚିବ , ଓଡ଼ିଶା |
| 17 | ଶ୍ରୀମତୀ ଅନୁ ଗର୍ଗ , ଭା. ପ୍ର.ସେ. | ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ |
| 18 | ଶ୍ରୀ ସତ୍ୟବ୍ରତ ସାହୁ , ଭା. ପ୍ର.ସେ | ଅତିରିକ୍ତ ମୁଖ୍ୟ ଶାସନ ସଚିବ , ଗୃହ ଏବଂ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ |
| 19 | ଶ୍ରୀ ଦେଓରଞ୍ଜନ କୁମାର ସିଂ , ଭା. ପ୍ର.ସେ | ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ବ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ |
| 20 | ଶ୍ରୀ ଶାଶ୍ୱତ ମିଶ୍ର , ଭା. ପ୍ର.ସେ | ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ |
| 21 | ବି. ପରମେଶ୍ୱରନ, ଭା. ପ୍ର.ସେ | କମିଶନର ତଥା ଶାସନ ସଚିବ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ , ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ |
| 22 | ଡ. ପବିତ୍ର ମୋହନ ସାମଲ ଓ.ଉ.ନା.ସେ. OSJS | ପ୍ରମୁଖ ଶାସନ ସଚିବ, ଆଇନ ବିଭାଗ |
| 23 | ଅଶ୍ୱତୀ ଏସ୍ ., ଭା. ପ୍ର.ସେ | କମିଶନର ତଥା ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ . |
| 24 | ଶ୍ରୀ ଅରବିନ୍ଦ ଅଗ୍ରୱାଲ , ଭା. ପ୍ର.ସେ | କମିଶନର ତଥା ଶାସନ ସଚିବ, ଉଚ୍ଚଶିକ୍ଷା ବିଭାଗ |
| 25 | ଶ୍ରୀ ସୁଧାକର ସବରୋ , ଓ. ପ୍ର.ସେ | ନିର୍ଦ୍ଦେଶକ , ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି, ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ |
| 26 | ଶ୍ରୀମତୀ ମଧୁସ୍ମିତା ସାମଲ , ଭା.ପ୍ର.ସେ | ନିର୍ଦ୍ଦେଶିକା , SIRD&PR |
| 27 | ଶ୍ରୀ ଶ୍ରୀଧର ନାୟକ | EIC-ତଥା ସ୍ବତନ୍ତ୍ର ଶାସନ ସଚିବ , ଗ୍ରାମ ଉନ୍ନୟନ ବିଭାଗ |

ମ୍ର

| | | |
|---|---|---|
| 28 | ଶ୍ରୀ କୃଷ୍ଣ ଚନ୍ଦ୍ର ଶତପଥୀ | ଅତିରିକ୍ତ ଶାସନ ସଚିବ, ଅର୍ଥ ବିଭାଗ |
| 29 | ଶ୍ରୀମତୀ ମଧୁସ୍ମିତା ନାୟକ | ସ୍ବତନ୍ତ୍ର ଶାସନ ସଚିବ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ |
| 30 | ଶ୍ରୀ ଶୁଭେନ୍ଦୁ କୁମାର ସାହୁ | ଅତିରିକ୍ତ ଶାସନ ସଚିବ, ଗୃହ ଏବଂ ନଗର ଉନ୍ନୟନ ବିଭାଗ . |
| 31 | ଶ୍ରୀ ସୁକାନ୍ତ କୁମାର ପ୍ରଧାନ | ଅତିରିକ୍ତ ଶାସନ ସଚିବ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ |
| 32 | ଶ୍ରୀ ସତ୍ୟବ୍ରତ ବେହେରା | EIC, Civil |
| 33 | ଡା ଅମିତା ପାତ୍ର | ଉପ ନିର୍ଦ୍ଦେଶିକା, SIRD |
| 34 | ଶ୍ରୀମତୀ ଯୁଗଳେଶ୍ୱରୀ ଦାଶ, ଭା.ପ୍ର.ସେ | ନିର୍ଦ୍ଦେଶିକା, ଅନ୍ୟାନ୍ୟ ପଛୁଆ ବର୍ଗ |
| 35 | ଶ୍ରୀମତୀ ସୁଜାତା ମିଶ୍ର, ଓ.ପ୍ର.ସେ | ସ୍ବତନ୍ତ୍ର ଶାସନ ସଚିବ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ , ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ |
| 36 | ଶ୍ରୀମତୀ ବନିତା ଦାଶ , ଓ.ଅ.ସେ. | ବିତ୍ତ ପରାମର୍ଶଦାତା ତଥା ସ୍ବତନ୍ତ୍ର ଶାସନ ସଚିବ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ , ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ |
| 37 | ଶ୍ରୀ ପ୍ରବୀର କୁମାର ଖିଲାର, ଓ.ପ୍ର.ସେ | ଅତିରିକ୍ତ ଶାସନ ସଚିବ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ , ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ |
| 38 | ଶ୍ରୀ ଦେବେନ୍ଦ୍ର କୁମାର ନନ୍ଦ, ଓ.ପ୍ର.ସେ | ଅତିରିକ୍ତ ଶାସନ ସଚିବ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ , ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ |

| | | |
|---|---|---|
| 39 | ଶ୍ରୀ ଟୁକୁ ବାରିକ, ଓ.ମ.ସେ | ଯୁଗ୍ମ ନିର୍ଦ୍ଦେଶକ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ , ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ |
| 40 | ଶ୍ରୀମତୀ ପ୍ରଣତୀ ପାତ୍ର, ଓ.ମ.ସେ | ଯୁଗ୍ମ ନିର୍ଦ୍ଦେଶିକା, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ , ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ |